ଧରିତ୍ରୀ
DHARITRI
ଗୁରୁବାର, ୨୩ ଡିସେମ୍ବର, ୨୦୨୧

## ଗଜପତିରେ ୯ ଡିଗ୍ରୀ ତାପମାତ୍ରା

ପାରଳାଖେମୁଣ୍ଡି,(ଡି.ଏନ୍.ଏ.) ଗତ କିଛି ଦିନ ହେଲା ଗଜପତି ଜିଲାରେ ଶୀତର ପ୍ରକୋପ ବେଶ ବୃଦ୍ଧି ପାଇବାରେ ଲାଗିଛି। ପାରଳାଖେମୁଣ୍ଡି ସହର ସମେତ ଜିଲାର ୭ ବ୍ଲକ ଯଥା ମୋହନା, ଆର୍.ଉଦୟଗିରି, ନୂଆଗଡ, ରାୟଗଡ, ଗୋଷାଣୀ, କାଶୀନଗର ଓ ଗୁମ୍ମା ଆଦି ଅଞ୍ଚଳ ବନପାହାଡ ଘେରାରେ ଏହାର ପ୍ରକୋପ ଆହୁରି ଅଧିକା ରହୁଛି । ଅଶହ୍ୟ ଜାଡ ଯୋଗୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୁଧବାର ଜିଲାରେ ତାପମାତ୍ରା ୯ ଡିଗ୍ରୀ ସେଲସିୟସ ରହିଛି। ସକାଳ ୯ଟା ଯାଏ ଲୋକେ ଘରୁ ବାହାରକୁ ବାହାରି ପାରୁନଥିବାରୁ ରାସ୍ତା ଖାଁ ଖାଁ ଲାଗୁଛି। ଶୀତକୁ ଲକ୍ଷ୍ୟକରି ସହରାଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ଗୁଡିକରେ ଶୀତବସ୍ତ୍ର ଦୋକାନ ଗୁଡିକ ରାସ୍ତା କଡରେ ପସରା ମେଲାଇଛନ୍ତି।



## ସଂକ୍ଷେପରେ

### ହତ୍ୟା ମାମଲାରେ ସାକ୍ଷ୍ୟ ଗ୍ରହଣ

ବ୍ରହ୍ମପୁର ଅଫିସ,୨୨।୧୨:ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ବାଲିପଡ଼ାରେ ଜନୈକା ବିଧବାଙ୍କୁ ହତ୍ୟା ମାମଲାରେ ବୁଧବାର ସାକ୍ଷ୍ୟ ଗ୍ରହଣ ହୋଇଥିଲା। ପ୍ରଥମ ସାକ୍ଷୀ ଭାବେ ବାଲିପଡ଼ାର ବାବୁ ଜେନା ଜିଲା ଦୌରାଜଜ୍ ଆନନ୍ଦ ଚନ୍ଦ୍ର ବେହେରାଙ୍କ କୋର୍ଟରେ ହାଜର ହୋଇ ସାକ୍ଷ୍ୟ ଦେଇଛନ୍ତି। ୨୦୨୧ ମାର୍ଚ୍ଚ ୮ରେ ସମ୍ପତ୍ତି ଲୋଭରୁ ବିଧବା ସୁଷମା ବିଷୋୟୀଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ସଦର ଥାନା ପୋଲିସ ମାମଲା ନଂ.୫୮/୨୧ ରେ ସୁଷମାଙ୍କ ଦେଢ଼ଶୁର ପ୍ରଭାକର ବିଷୋୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ଏସ୍ଆଇ କାଳୁଚରଣ ମଲ୍ଲିକ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ବୁଧବାର ପ୍ରଥମ ସାକ୍ଷୀ ଭାବେ ବାବୁ ଜେନା ତାଙ୍କର ବୟାନ୍ ଦେଇଛନ୍ତି। ସରକାରଙ୍କ ତରଫରୁ କ୍ୟାଡର ପିପି ତ୍ରିଲୋଚନ ପରିଡ଼ା, ମୁଦାଲାଙ୍କ ତରଫରୁ ଆଇନଜୀବୀ ନୀଳାଞ୍ଚଳ ସାହୁ ମକଦ୍ଦମା ପରିଚାଳନା କରିଥିଲେ।

### ଅବସରପ୍ରାପ୍ତ ନିଜାରତ ଅଫିସରଙ୍କ ପରଲୋକ

ଭଞ୍ଜନଗର,୨୨।୧୨(ଡି.ଏନ.ଏ.): ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟର ଅବସରପ୍ରାପ୍ତ ନିଜାରତ ଅଫିସର ଲୋକନାଥ ବିଷୋୟୀଙ୍କର ମଙ୍ଗଳବାର ରାତିରେ ମୃତ୍ୟୁ ହୋଇଛି। ସେ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଥିଲେ ।

### ଗଞ୍ଜାମ ଏସ୍‌ପିଙ୍କ ବୁଗୁଡ଼ା ଥାନା ପରିଦର୍ଶନ

ବୁଗୁଡ଼ା,୨୨।୧୨(ଡି.ଏନ.ଏ.)-ଗଞ୍ଜାମ ଜିଲା ଆରକ୍ଷୀ ଅଧୀକ୍ଷକ ବ୍ରିଜେଶ ରଏ ବୁଧବାର ବୁଗୁଡ଼ା ଥାନା ପରିଦର୍ଶନ କରି ବିଭିନ୍ନ ନଥିପତ୍ର ଯାଞ୍ଚ କରି ସନ୍ତୋଷ ବ୍ୟକ୍ତ କରିଥିଲେ। ଗାଁ ଗଣ୍ଡା ବୁଲି ଲୋକଙ୍କ ସମସ୍ୟା ପ୍ରତି ଧ୍ୟାନ ଦେଇ ଦାୟିତ୍ୱ ତୁଲାଇବା, ଲୋକଙ୍କ ସହ ସୁସମ୍ପର୍କ ରଖି ଅପରାଧ ନିୟନ୍ତ୍ରଣ କରିବା ଏବଂ ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ କରିବାକୁ ରଏ ପରାମର୍ଶ ଦେଇଥିଲେ। ଆରକ୍ଷୀ ଅଧୀକ୍ଷକଙ୍କ ପରିଦର୍ଶନ ବେଳେ ଭଞ୍ଜନଗର ଏସ୍‌ଡ଼ିପିଓ ଶୁଭାଶିଷ ମିଶ୍ର, ବୁଗୁଡ଼ା ଆଇଆଇସି ଚିତ୍ତରଞ୍ଜନ ବେହେରା, ବାଲିପଦର ଫାଣ୍ଡି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସମେତ ଥାନା ସମସ୍ତ ଏସ୍ଆଇ, ଏଏସ୍ଆଇ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ବାଲ୍ୟ ବିବାହ ରୋକିଲା ପ୍ରଶାସନ

ପାରଳାଖେମୁଣ୍ଡି,୨୨।୧୨(ଡି.ଏନ୍.ଏ.)– ରାୟଗଡ଼ ବ୍ଲକ ଆଲାଖୋଲ ଗ୍ରାମରେ ଆଗାମୀ ଦିନରେ ହେବାକୁ ଥିବା ଗୋଟିଏ ବାଲ୍ୟ ବିବାହକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ଉକ୍ତ ଗାଁରେ ହେବାକୁ ଥିବା ବାଲ୍ୟ ବିବାହ ସମ୍ପର୍କରେ ରାୟଗଡ଼ ବାଲ୍ୟବିବାହ ନିଷେଧ ଅଧିକାରିଣୀ ଟେରେସ୍କୋଭା ମଲ୍ଲିକ ଜାଣିବାକୁ ପାଇଥିଲେ। ପରେ ମଲ୍ଲିକ ଏ ନେଇ ବାଲ୍ୟବିବାହ ନିଷେଧ ଟାସ୍କଫୋର୍ସରେ ଥିବା ଅନ୍ୟ ସଦସ୍ୟ ମାନଙ୍କୁ ଅବଗତ କରିଥିଲେ। ଏହାପରେ ବାଲ୍ୟ ବିବାହକୁ ରୋକିବା ପାଇଁ ଏକ ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମରେ ଆଇସିଡିଏସ୍ ସୁପରଭାଇଜର୍ ନମିତା ମହାରଣା, ଜିଲା ଶିଶୁ ସୁରକ୍ଷା ୟୁନିଟ ପରାମର୍ଶଦାତା ଡି. ମଲ୍ଲିକ, ସଖୀ ୱାନ୍ ଷ୍ଟପ ସେଣ୍ଟରର ପରିଚାଳିକା ଭାଗ୍ୟଲକ୍ଷ୍ମୀ ନାୟକ ପ୍ରମୁଖ ଉକ୍ତ ଗାଁକୁ ଯାଇ ବାଲ୍ୟ ବିବାହକୁ ସ୍ଥଗିତ କରିଥିଲେ। ଟାସ୍କଫୋର୍ସ ଦ୍ୱାରା ନାବାଳିକାକୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ ସମିତି ନିକଟରେ ଉପସ୍ଥିତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।

### ଅତିରିକ୍ତ ଜିଲାପାଳଙ୍କ ତହସିଲ କାର୍ଯ୍ୟ ସମୀକ୍ଷା

ଶେରଗଡ଼,୨୨।୧୨(ଡି.ଏନ.ଏ.)

ଗଞ୍ଜାମ ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ବୁଧବାର ଶେରଗଡ଼ ତହସିଲ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ସମୀକ୍ଷାରେ ଗ୍ରାମକଣ୍ଟକ ଯାହା କେସ ଅଛି ସେଗୁଡିକ ଫଇସଲା କରି ପଟା ପ୍ରଦାନ, ୯ ରାଜସ୍ୱ ସର୍କଲର ରାଜସ୍ୱ ଆୟ ବୃଦ୍ଧି, ତହସିଲ ଅଞ୍ଚଳରେ ହେଉଥିବା ଚୋରା ଚାଲାଣ ରୋକିବା, ଜରିମାନାକୁ ଜୋରଦାର କରିବା ଉପରେ ରାଜସ୍ୱ ଅଧିକାରୀମାନେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ତହସିଲଦାର ଡ.ଦୟାସିନ୍ଧୁ ପରିଡା, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ, ସୁପରଭାଇଜର ମନୋଜ କୁମାର ନାହାକ, ପି.ପଞ୍ଚମା ସମେତ ୯ ରାଜସ୍ୱ ସର୍କଲର ରାଜସ୍ୱ ନୀରିକ୍ଷକ ଉପସ୍ଥିତ ଥିଲେ।

# ପାନୀୟ ଜଳ ଯୋଗାଣ ଦାବିରେ ଉତ୍ତେଜନା

## ଭୋଟ ବର୍ଜନ ନିଷ୍ପତ୍ତି

ଆସିକା,୨୨।୧୨(ଡି.ଏନ.ଏ)

ଆସିକା ବ୍ଲକ କାଳଷଣ୍ଢପୁର ପଞ୍ଚାୟତ ଟିନିଶିଣ୍ଡ ନୂଆଗାଁ ଗ୍ରାମରେ ପାନୀୟ ଜଳ ଯୋଗାଣ ଓ ଏହି ଗ୍ରାମକୁ ରାଜସ୍ୱ ଗ୍ରାମର ଘୋଷଣା ଦାବିରେ ବୁଧବାର ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମର ମହିଳାମାନେ ଖାଲି ପାତ୍ର ଧରି ରାସ୍ତା ଉପରେ ଦୀର୍ଘ ସମୟ ବସିରହି ପ୍ରତିବାଦ କରିଥିଲେ। ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମକୁ ପାନୀୟ ଜଳ ଯୋଗାଣ ଲାଗି ପୂର୍ବରୁ ବହୁ ନେତା ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ନିର୍ବାଚନ ପରେ ଭୁଲିଯାଉଥିବା ଅଭିଯୋଗ କରାଯାଇଥିଲା। ଏତଦ ପରିସ୍ଥିତିରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଗ୍ରାମବାସୀଙ୍କ ପାନୀୟ ଜଳ ଯୋଗାଣ ଓ ରାଜସ୍ୱ ଗ୍ରାମ ଘୋଷଣା ନ ହେଲେ ଗ୍ରାମବାସୀ ପଞ୍ଚାୟତ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏହି ସମସ୍ୟାକୁ ନେଇ ମୁକୁନ୍ଦପୁର ଗ୍ରାମରେ ମଧ୍ୟ ଅନୁରୂପ ପ୍ରତିବାଦର ସ୍ୱର ଉଠିଥିବା ଲକ୍ଷ୍ୟ କରାଯାଇଛି । ଏ ସମ୍ପର୍କରେ କାଳଷଣ୍ଢପୁର ସରପଞ୍ଚ ଧନମାଳି ସିୟଙ୍କୁ ପଚାରିବାରେ ମୁକୁନ୍ଦପୁର ଓ ନୂଆଗାଁ ଗ୍ରାମକୁ ପାନୀୟ ଜଳ ଯୋଗାଣ ଲାଗି ମୁକୁନ୍ଦପୁର ନିକଟରେ ବଡନଦୀରେ ଦୁଇଟି ଇନଟେକ ୱେଲ ଖୋଳାଯାଇଛି। ଜଳଯୋଗାଣ ହେବା ପୂର୍ବରୁ ସରକାରଙ୍କ ମହାନଦୀ ମେଗା ପ୍ରୋଜେକ୍ଟ ଜରିଆରେ ପାନୀୟ ଜଳ ଯୋଗାଣ ନିଷ୍ପତ୍ତି ଯୋଗୁ ଏହା କାର୍ଯ୍ୟକାରି ହୋଇପାରିନାହିଁ । ତେବେ ୨୦୨୪ ସୁଧା ସରକାରଙ୍କ ଏହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି କୁହାଯାଉଥିଲା ବେଳେ ବର୍ତ୍ତମାନ ସମ୍ପୃକ୍ତ ଗ୍ରାମାଞ୍ଚଳରେ ଏଭଳି ଅସନ୍ତୋଷ ଦେଖାଦେଇଥିବା ସରପଞ୍ଚ ସିୟ ପ୍ରକାଶ କରିଛନ୍ତି।



ପାନୀୟ ଜଳଯୋଗାଣ ଦାବିରେ ମହିଳାଙ୍କ ଅସନ୍ତୋଷ ।

# ଭିଜିଲାନ୍ସ ଜାଲରେ ପଡ଼ିଥିବା ବନପାଳଙ୍କ ଜାମିନ ଖାରଜ

ବ୍ରହ୍ମପୁର ଅଫିସ,୨୨।୧୨

ଭିଜିଲାନ୍ସ ଜାଲରେ ପଡ଼ିଥିବା ଗଜପତି ଜିଲା ଆର. ଉଦୟଗିରି ବନାଞ୍ଚଳ ଅନ୍ତର୍ଗତ ନୂଆଗଡ ବନପାଳ ଗଣେଶ ପ୍ରଧାନଙ୍କ ଜାମିନ୍ ଖାରଜ ହୋଇଛି। ବୁଧବାର ଭିଜିଲାନ୍ସ ଇନ୍ସପେକ୍ଟର ବୈଦେହୀ ବେହେରା ଭିଜିଲାନ୍ସ କୋର୍ଟରେ ସୀଡୀ ଦାଖଲ କରିଥିଲେ। ଜାମିନ୍ ଶୁଣାଣି ବେଳେ ଉଭୟ ପକ୍ଷ ଓକିଲଙ୍କ ମଧ୍ୟରେ ଜବାବସୁଆଲ ହୋଇଥିଲା। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲୁନା ମହାନ୍ତି ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ତାଙ୍କର ଜାମିନ୍ ଖାରଜ୍ କରି ଦେଇଛନ୍ତି। ସରକାରଙ୍କ ତରଫରୁ ସୁରେନ୍ଦ୍ର କୁମାର ପଣ୍ଡା ଓ ଅଭିଯୁକ୍ତଙ୍କ ତରଫରୁ ଭବାନୀ ଶଙ୍କର ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଳିତ ମାସ ୭ ତାରିଖରେ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ବନପାଳ ଗଣେଶଙ୍କ ପାରଳାଖେମୁଣ୍ଡି ଫ୍ରେଣ୍ଡସ କଲୋନୀ ସ୍ଥିତ ଭଡାଘର, ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ପାଥପଟଣାମରେ ଅଟ୍ଟାଳିକା ସମେତ ପୈତୃକ ବାସଭବନ ହରିଶ୍ଚନ୍ଦ୍ରପୁର ଗ୍ରାମରେ ଏକକାଳୀନ ଚଢ଼ାଉ କରିଥିଲା। ଯାଞ୍ଚ ସରିବା ପରେ କନଷ୍ଟେବଲ ସୁଦର୍ଶନ ଓ ପରିବାରବର୍ଗଙ୍କ ନାମରେ ମୋଟ ୭୩ ଲକ୍ଷ ୯୭ହଜାର ୩୮୦ ଟଙ୍କା ଆୟ ବହର୍ଭୁତ ସମ୍ପତ୍ତି ଥିବା ନେଇ ଭିଜିଲାନ୍ସ ବିଭାଗ ଆକଳନ କରିଥିଲା। ଏଣୁ ଭିଜିଲାନ୍ସ ତାଙ୍କୁ ଗିରଫ କରି ଗତ ୮ତାରିଖରେ କୋର୍ଟ ଚାଲାଣ କରିଥିଲା। ଗିରଫ ପରଠାରୁ ବନପାଳ ଗଣେଶ ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଅଛନ୍ତି।

### ନାବାଳିକା ବଳାତ୍କାର ମାମଲା ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୨୨।୧୨

ଫାଷ୍ଟ ଟ୍ରାକ୍ ପୋକ୍ସୋ ବିଚାରପତି ଗୁରୁ ପ୍ରସାଦ ସାହୁ ବୁଧବାର ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ପୁରୁଷୋତ୍ତମପୁର ଥାନା ଅଞ୍ଚଳର ବିଚିତ୍ର ପ୍ରଧାନ। ପ୍ରକାଶ ଯେ, ୨୦୧୪ ମାର୍ଚ୍ଚ ୨୬ରେ ପୁରୁଷୋତ୍ତମପୁର ଅଞ୍ଚଳରୁ ଜନୈକା ନାବାଳିକାଙ୍କୁ ଅପହରଣ କରାଯାଇଥିଲା। ଏନେଇ ପୀଡିତାଙ୍କ ପରିବାର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୫୨/୧୪ରେ ଏକ ମାମଲା ରୁଜୁକରି ଅନୁସନ୍ଧାନ କରିଥିଲା। ପୋଲିସ ପୁରୀରୁ ପୀଡିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ବିଚିତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିମାସ ପରେ ଅଭିଯୁକ୍ତ ଜାମିନ ପାଇଥିଲେ। ବୁଧବାର ଏହି ମାମଲାର ବିଚାର ବେଳେ ବିଚିତ୍ରଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୧୪ଜଣ ସାକ୍ଷୀଙ୍କ ବୟାନକୁ ବିଚିକରିଉପଯୁକ୍ତ ପ୍ରମାଣ ଅଭାବରୁବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ।

# ମଦଭାଟି ବନ୍ଦ ଦାବିରେ ଧାରଣା

ପାରଳାଖେମୁଣ୍ଡି,୨୨।୧୨ (ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସ୍ଥିତ ଅମରା ନିକଟରେ ଥିବା ନବନିର୍ମିତ ଦେଶୀ ମଦ ଭାଟିକୁ ଗ୍ରାମରୁ ଉଠାଇବା ପାଇଁ ଗ୍ରାମବାସୀ ଗତ ସପ୍ତାହରେ ଏକ ଦାବିପତ୍ର ଜିଲାପାଳଙ୍କୁ ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ସେଠାରେ ଭାଟି ତିଆରି କାର୍ଯ୍ୟ ବନ୍ଦ ନ ହେବାରୁ ବୁଧବାର ପୁଣିଥରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶହ ଶହ ମହିଳା ବିକ୍ଷୋଭ କରିଛନ୍ତି । ଅମରା ଏବଂ ଡାଲିମ୍ବପୁରୁ ଗ୍ରାମ ନିକଟରେ ଏକ ଦେଶୀ ରନ୍ଧା ମଦ ଭାଟି ବନ୍ଦ କରିବାକୁ ଗ୍ରାମବାସୀଙ୍କ ଦାବି। ଏହାସହ ଗାଁର ମହିଳାମାନେ ଏକତ୍ରିତ ହୋଇ ଷ୍ଟାଡିୟମ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଛନ୍ତି।



ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ କର୍ମଚାରୀ ଗୁରୁତର

## ହାତୀ କରିଡର୍ କାମ ବେଳେ ଦୁର୍ଘଟଣା

ଦିଗପହଣ୍ଡି,୨୨।୧୨(ଡି.ଏନ.ଏ.)

ହାତୀ କରିଡର୍ ବିଦ୍ୟୁତ୍ ଲାଇନ୍ ତାର ସଜାଡୁଥିବା ବେଳେ ବୁଧବାର ଅଘଟଣ ଘଟିଛି। ଦୁଇ କର୍ମଚାରୀ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ବ୍ରହ୍ମପୁର ବଡ ମେଡିକାଲ୍ ନିଆ ଯାଇଥିବା ଜଣାପଡିଛି। ଗୁରୁତର ହେଲେ ନିମଖଣ୍ଡି ପେଣ୍ଠର ସୁବ୍ରତ ପାଣିଗ୍ରାହୀ(୨୭) ଓ ଅନୁଗୋଳ ଜିଲା ପାଇକସାହିର ସୁଜିତ୍ କୁମାର ସାହୁ (୨୬)। ଏହି ଦୁଇ କର୍ମଚାରୀ ଏସ୍ଆର୍ ଏସ୍ସିଏଟ୍ ନିର୍ମାଣକାରୀ ସଂସ୍ଥାର ବୋଲି ଜଣାପଡିଛି।

ବୁଧବାର ନିମଖଣ୍ଡି ପେଣ୍ଠ ପଞ୍ଚାୟତ ଲୁଣିଲୁଣିଆ ଗ୍ରାମ ନିକଟରେ ହାତୀ କରିଡର୍ ବିଦ୍ୟୁତ୍ ଲାଇନ୍ କାମ ପାଇଁ ତାର ସଜଡା କାମ ଚାଲିଥିଲା। ସମ୍ପୃକ୍ତ ନିର୍ମାଣକାରୀ ସଂସ୍ଥାର ଲାଇନ୍‌ମ୍ୟାନ୍ ସୁଜିତ୍ ଖୁଣ୍ଟ ଉପରକୁ ଚଢିଥିବା ବେଳେ ସୁବ୍ରତ ନିଶୁଣି ଧରି ତଳେ ଠିଆ ହୋଇଥିଲେ। ଏଥି ପୂର୍ବରୁ ପାଖରେ ଥିବା ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ବିଛିନ୍ନ କରିବା ପାଇଁ ଦକ୍ଷୀଣାଞ୍ଚଳ ଡିଭିଜନ୍ ଲାଇନ୍‌ମ୍ୟାନ୍ ପ୍ରଶାନ୍ତ ଖୁଣ୍ଟିଆଙ୍କୁ କୁହାଯାଇଥିଲା। କିନ୍ତୁ ଲାଇନ୍‌ମ୍ୟାନ ପ୍ରଶାନ୍ତ କୌଣସି କାରଣରୁ ବିଦ୍ୟୁତ୍ ବିଛିନ୍ନ କରିନଥିଲେ। ଫଳରେ ଖୁଣ୍ଟ ଉପରେ ଚଢିଥିବା ସୁଜିତ୍ ୧୧ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଳିବାକୁ ଲାଗିଥିଲେ। ଘଟଣାସ୍ଥଳରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ନିଶୁଣି ଧରି ତଳେ ଥିବା ସୁବ୍ରତ ଏହି ଦୃଶ୍ୟ ଦେଖି ମାନସିକ ଭାରସାମ୍ୟ ହରାଇ ଅଚେତ ହୋଇ ପଡିଯାଇଥିଲେ। ଯେତେବେଳେ ବିଦ୍ୟୁତ୍ ବିଛିନ୍ନ କରାଗଲା ସୁଜିତ୍ ତଳେ ଥିବା କର୍ମଚାରୀ ସୁବ୍ରତଙ୍କ ଉପରେ ପଡିବାରୁ ସେ ମଧ୍ୟ ଗୁରୁତର ଆହତ ହୋଇଥିଲେ ।

### ସ୍ୱାମୀ ବିରୋଧରେ ସ୍ତ୍ରୀଙ୍କ ଏତଲା

ଗଞ୍ଜାମ,୨୨।୧୨(ଡି.ଏନ.ଏ.)

ଗଞ୍ଜାମ ଥାନା ଅନ୍ତର୍ଗତ କଲ୍ୟାଣପୁର ଗ୍ରାମର ଜୈନିକା ମହିଳା ଏକ ବର୍ଷ ହେଲା ଦାମୋଦରପୁର ଗ୍ରାମରେ ବାପା ଘରେ ରହି ନିଜ ୩ ସନ୍ତାନଙ୍କ ଦାୟିତ୍ୱ ନେଇ ମୂଲ ଖଟିବା ପାଇଁ ପୁଇଁତୋଳା ଗ୍ରାମକୁ ଯାଉଥିବା ବେଳେ ନିଛାଟିଆ ରାସ୍ତାରେ ତାଙ୍କ ସ୍ୱାମୀ ତାଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ସ୍ୱାମୀଙ୍କୁ ଅଟକ ରଖିଛି ପୋଲିସ। ସ୍ୱାମୀ ନିଶା ଖାଇ ମାଡ଼ ମାରି ୧ ବର୍ଷ ହେଲା ସ୍ତ୍ରୀଙ୍କୁ ଘରୁ ତଡି ଦେଇଥିବା ମହିଳା ଜଣଙ୍କ ପ୍ରକାଶ କରିଛନ୍ତି।

### ନାବାଳକ ନିଖୋଜ

ଗୋଷାଣୀ,୨୨।୧୨

ଗଜପତି ଜିଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ଗ୍ରାମର ଅମର ବୈଷ୍ଣବ ଦଳାଇ (୧୨) ସକାଳୁ ସାଇକେଲ ଧରି କେଉଁଆଡ଼େ ଚାଲି ଯାଇଛନ୍ତି। ସେ ଗଜପତି ଜିଲା ଖଜୁରୀପଦା ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଥିଲେ। ଲକଡାଉନ ଯୋଗୁ ବ୍ରହ୍ମପୁରରେ ରହୁଥିବା ବାପା ଓ ମାଙ୍କ ନିକଟକୁ ଯାଇଥିଲେ। ଚାରିଦିନ ତଳେ ଗୁରାଣ୍ଡି ଆସି ଥିଲେ। ବୁଧବାର କେଉଁଆଡ଼େ ଚାଲି ଯାଇଛନ୍ତି।

### ବୁଗୁଡ଼ା ଇଣ୍ଡିଆନ ବ୍ୟାଙ୍କର ଋଣ ମେଳା

ବୁଗୁଡ଼ା,୨୨।୧୨(ଡି.ଏନ.ଏ.)

ବୁଗୁଡ଼ା ଇଣ୍ଡିଆନ ବ୍ୟାଙ୍କ ତରଫରୁ ସ୍ଥାନୀୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ତନ୍ମୟ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମେଳାରେ ଜୋନାଲ ମ୍ୟାନେଜର ଜି.ଜୟ ପାଣ୍ଡିଆନ, ମ୍ୟାନେଜର ମନୋଜ କୁମାର ଦାଶ, ହୃଦାନନ୍ଦ ଦାଶ, ଚିଫ ମ୍ୟାନେଜର ପି. କେ. ନନ୍ଦ, ସିଡିପିଓ ରଞ୍ଜିତା ତ୍ରିପାଠୀ, ଶାଖା ପ୍ରବନ୍ଧକ ପବିତ୍ର ମୋହନ ହୋତା, ଶାଖା ପ୍ରବନ୍ଧକ ଶୁଭେନ କୁମାର ଦାଶ, ଶାଖା ପ୍ରବନ୍ଧକ ଅରୂପ ପ୍ରଧାନ ଅତିଥି ଭାବେ ଯୋଗଦେଇ ୧୩୫ ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨ କୋଟି ୫୦ ଲକ୍ଷ ଟଙ୍କା ଋଣ ପ୍ରଦାନ କରିଥିଲେ।

# ‘ପୋଲିସ, ଓକିଲଙ୍କ ମଧ୍ୟରେ ସମନ୍ୱୟ ରହିଲେ ତ୍ୱରିତ ନ୍ୟାୟ ମିଳିବ’

ଭଞ୍ଜନଗର,୨୧।୧୨(ଡି.ଏନ.ଏ.)

ଭଞ୍ଜନଗର ବାର ଆସୋସିଏଶନ ପକ୍ଷରୁ ବୁଧବାର ‘ଲୋକଙ୍କୁ ନ୍ୟାୟ ପ୍ରଦାନରେ ପୋଲିସ ଏବଂ ଓକିଲଙ୍କ ଭୂମିକା’ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପୋଲିସ ଏବଂ ଓକିଲଙ୍କ ମଧ୍ୟରେ ସମନ୍ୱୟ ରହିଲେ ଲୋକେ ତ୍ୱରିତ ନ୍ୟାୟ ପାଇବେ। ଏଥିପାଇଁ ପୋଲିସ ଏବଂ ଆଇନଜୀବୀ ଉଭୟେ ଯତ୍ନବାନ ହେବାକୁ ପଡ଼ିବ। ଆଲୋଚନାଚକ୍ରରେ ଭାଗନେଇ ବିଭିନ୍ନ ବକ୍ତା ଏହା ମତବ୍ୟକ୍ତ କରିଥିଲେ। ଆଇନଜୀବୀ ରଞ୍ଜିତ ପଟ୍ଟନାୟକ ସନ୍ଦର୍ଭ ପାଠ କରିଥିଲେ। ଗଞ୍ଜାମ ଏସ୍‌ପି ବ୍ରିଜେଶ ରଏ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଏଡ଼ିଜେ ଡ଼.ଅରୁଣ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବାର ଆସୋସିଏଶନ ସଭାପତି ସନ୍ତୋଷ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆଇନଜୀବୀ ରବି ଦାସ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସରକାରୀ ଓକିଲ ଏମ୍.ତାଜ୍ ଆଦେନୀ ସ୍ୱାଗତ ଭାଷଣ ଦେଇଥିଲେ। ଗାଙ୍ଗପୁର ଥାନା ଦେଶର ଦ୍ୱିତୀୟ ଶ୍ରେଷ୍ଠ ଥାନା ପୁରସ୍କାର ପାଇବାରେ ପ୍ରମୁଖ ଭୂମିକା ନିଭାଇଥିବା ଏସ୍‌ପି ରଏ, ଭଞ୍ଜନଗର ଏସ୍‌ଡ଼ିପିଓ ଶୁଭ୍ରାଂଶୁ ମିଶ୍ର, ଭଞ୍ଜନଗର ଆଇଆଇସି ଧୀରେଶ କୁମାର ଦାସଙ୍କୁ ବାର ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ସବ୍ ଜଜ୍ ବେଦ ପ୍ରକାଶ, ଏସ୍‌ଡ଼ିଜେଏମ୍ ମନସ୍ୱିନୀ ରଥ, ଜେଏମ୍ଏଫସି ପ୍ରଜ୍ଞା ରାଉତ, ବାର ଆସୋସିଏଶନ ସମ୍ପାଦକ ଜ୍ଞାନେନ୍ଦ୍ର ନାୟକ, ସହ ସମ୍ପାଦକ ଧୀରେନ ସ୍ୱାଇଁ, ସରକାରୀ ଓକିଲ ରାଜେନ୍ଦ୍ର ପ୍ରଧାନ, ଦିବାକର ନାୟକ, ବରିଷ୍ଠ ଆଇନଜୀବୀ ପ୍ରଦ୍ୟୁମ୍ନ ନାୟକ ଓ ଖରଶୁ ଶେଖର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଉପ ସଭାପତି ରଜତ କୁମାର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

# ଆସିକା ଏମ୍‌ପିଙ୍କ ଦ୍ୱାରା ବ୍ଲକର ନୂତନ କୋଠା ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଏମ୍‌ପି, ବିଧାୟକ ଓ ଅନ୍ୟମାନେ ।

ଖଲ୍ଲିକୋଟ,୨୨।୧୨(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକର ନୂତନ କୋଠାକୁ ଆସିକା ଏମ୍‌ପି ପ୍ରମିଳା ବିଶୋଇ ବୁଧବାର ଉଦ୍‌ଘାଟନ କରିଛନ୍ତି। ବ୍ଲକ ଅଧ୍ୟକ୍ଷା ମିନକ୍ଷି ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏମପି ପ୍ରମିଳା ମୁଖ୍ୟ ଅତିଥି, ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଜିଲା ପରିଷଦ ଅଧ୍ୟକ୍ଷା ସୋନମ୍ ପଲେଇ, ବିଡିଓ ମିତାଲି ପାତ୍ର, ବ୍ଲକ ଉପାଧ୍ୟକ୍ଷ ଏ.ପ୍ରକାଶ ପାତ୍ର, ପୂର୍ବତନ ଅଧ୍ୟକ୍ଷ ଧନୁର୍ଜୟ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଏମ୍‌ପି ବିଶୋଇ ଗ୍ରାମାଞ୍ଚଳର ବିକାଶ ପାଇଁ ବ୍ଲକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମସ୍ତଙ୍କ ସହଯୋଗରେ ବିକାଶ ଧାରାକୁ ଆଗେଇ ନେବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ବିଧାୟିକା ସମସ୍ତ ସରପଞ୍ଚ ଓ ସମିତିସଭ୍ୟଙ୍କ ସହଯୋଗରେ ଦୀର୍ଘ ଦିନର କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇଛି ବୋଲି ପ୍ରକାଶ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ଧନୁର୍ଜୟ ଦାସଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ଗଣମାଧ୍ୟମ ପ୍ରତିନିଧି ଏବଂ ପିଆରଆଇ ମେମ୍ବରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ପ୍ରତିନିଧି ରତ୍ନାକର ସାହୁ, ଭିକାରୀ ପାଣ୍ଡି ଓ ବ୍ଲକ କର୍ମଚାରୀ ପରିଚାଳନା କରିଥିଲେ।

# ଯୁବକଙ୍କୁ ହତ୍ୟା ଉଦ୍ୟମ କରି ଲୁଟ୍ ଅଭିଯୋଗ

ପୁରୁଷୋତ୍ତମପୁର, ୨୨।୧୨(ଡି.ଏନ.ଏ.)

ପୁରୁଷୋତ୍ତମପୁର ପୋଲିସ ତିନି ଜଣିଆ ଲୁଟେରା ଗ୍ୟାଙ୍ଗକୁ ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଗୁଣ୍ଠପଡା ଗ୍ରାମର ଅର୍ଜୁନ ନାହାକ, ବଡଖରିଡା ଗ୍ରାମର ପବିତ୍ର ଦାଶ ଓ ଚନ୍ଦନ ନାହାକ। ଏ ନେଇ ବୁଧବାର ଏକ ଖବରଦାତା ସମ୍ମିଳନୀରେ ପୁରୁଷୋତ୍ତମପୁର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଓ ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ସୂଚନା ଦେଇଛନ୍ତି। ଶନିବାର ରାତିପ୍ରାୟ ୧୧ଟାରେ କୁମାରୀର ସନ୍ତୋଷ କୁମାର ବେହେରା ବାଇକ୍(ନଂ ଓଡି ୦୭ ଏଲ୍ ୩୫୨୦) ଯୋଗେ ରାଜପୁର ଗ୍ରାମକୁ ଯାଉଥିଲେ। ଏହି ସମୟରେ କବିସୂର୍ଯ୍ୟନଗର-ପୁରୁଷୋତ୍ତମପୁର ମୁଖ୍ୟ ରାସ୍ତାର ବଡଶଙ୍ଖ ନିକଟରେ ୩ ଯୁବକ ତାଙ୍କୁ ଅଟକାଇ ଅତର୍କିତ ଭାବେ ମରଣାନ୍ତକ ଆକ୍ରମଣ କରିବା ସହ କେନାଲ ପାଣିରେ ବୁଡାଇ ହତ୍ୟା ଉଦ୍ୟମ କରିଥିଲେ। ପରେ ତାଙ୍କ ବାଇକ୍, ମୋବାଇଲ ଓ ୫ ହଜାର ଟଙ୍କା ଛଡାଇ ଲୁଟି ନେଇଥିଲେ। ଖବର ପାଇ ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ଘଟଣାସ୍ଥଳକୁ ଯାଇ ଆହାତଙ୍କୁ ଉଦ୍ଧାର କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ଚାଷୀ ସମସ୍ୟା ନେଇ ତହସିଲ, ବ୍ଲକ ଘେରାଉ

ଗୋପାଳପୁର,୨୨।୧୨(ଡି.ଏନ.ଏ.)

ଗୋପାଳପୁର ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ କନିଷି ତହସିଲ କାର୍ଯ୍ୟାଳୟ ଓ ରଙ୍ଗେଇଲୁଣ୍ଡା ବ୍ଲକ କାର୍ଯ୍ୟାଳୟ ବୁଧବାର ଘେରାଉ କରାଯାଇଛି। ମଧ୍ୟାହ୍ନରେ ଜିଲା ଭାଜପା ସଭାପତି ବିଭୁତି ଭୂଷଣ ଜେନାଙ୍କ ନେତୃତ୍ୱରେ ଏକ ରାଲି ବାହାରି କନିଷି ତହସିଲରେ ପହଞ୍ଚିଥିଲା। ଗତ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନରେ ବିଳମ୍ବ, ଧାନମଣ୍ଡି ଖୋଲିବା ଦାବିରେ ରଙ୍ଗେଇଲୁଣ୍ଡା ବ୍ଲକର ଶତାଧିକ ଭାଜପା କର୍ମୀ ତହସିଲ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ଘେରାଉ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବଙ୍କ ଚାପରେ ବିଡିଓ ଓ କନିଷି ତହସିଲଦାର ବିଜେଡିକୁ ସହଯୋଗ କରୁଥିବା ଯୋଗୁ ଏଥିରୁ ନିବୃତ୍ତ ରହିବା ପାଇଁ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ସେଠାରୁ ରଙ୍ଗେଇଲୁଣ୍ଡା ବ୍ଲକରେ ପହଞ୍ଚି ବିକ୍ଷୋଭ ସହ ଘେରାଉ କରିଥିଲେ। ଏମ୍‌ଜିଏନ୍ଆର୍‌ଇଜିଏସ୍‌ରେ ଦୁର୍ନୀତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଣ୍ଟନରେ ଦଳୀୟ ବାଛ ବିଚାର କରାଯିବା ଓ ଅନ୍ୟାନ୍ୟ ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ କରି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏ ଦିଗରେ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି କୁହାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ୫୩ନଂ. ଜିଲା ପରିଷଦ ସଭ୍ୟ ବିନୋଦ କୁମାର ମିଶ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ଏନ୍. ଡମ୍ବରୁ ରେଡ୍ଡୀ, ରାଜ୍ୟ କାର୍ଯ୍ୟକାରିଣୀ ଯୁବମୋର୍ଚ୍ଚା ସଦସ୍ୟ ସୁବାଶିଷ ସାହୁ, ରାଜେଶ କୁମାର ସାହୁ, ସୌଦାମିନୀ ପଟ୍ଟନାୟକ, ଜଗମୋହନ ପାତ୍ର, ଗୋପୀନାଥ ମହାରଣା, ମହନ୍ତ ଚିନ୍ମୟାନନ୍ଦ ଦାଶଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ। ସୁରକ୍ଷା ଦୃଷ୍ଟିରୁ ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।




ଭାଜପାର ଶୋଭାଯାତ୍ରା।

# ବଡ଼ଦିନ ଲାଗି ଶାନ୍ତିକମିଟି ବୈଠକ

ଫୁଲବାଣୀ ଅଫିସ, ୨୨।୧୨

କନ୍ଧମାଳ ଜିଲାରେ ବଡ ଦିନ ପାଳନକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଏହି ପର୍ବକୁ ଜିଲାରେ ଶାନ୍ତି ଶୃଙ୍ଖଳାର ସହ କିଭଳି ପାଳନ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍‌ପି ଭିନିତ ଅଗ୍ରୱାଲ, ବାଲିଗୁଡା ଉପ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଫୁଲବାଣୀ ଉପ ଜିଲାପାଳ ଶେଷଦେବ ମିଶ୍ର, ଅତିରିକ୍ତ ଏସ୍‌ପି ବିପିନ ବିହାରୀ ବେହେରା, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ ପ୍ରମୁଖ ଯୋଗଦେଇ କୋଭିଡ୍ ନିୟମ ଅନୁସାରେ ଶାନ୍ତି ଶୃଙ୍ଖଳାର ସହ ବଡଦିନ ଓ ନୂଆ ବର୍ଷକୁ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ କୋଭିଡ ନିୟମକୁ ଦୃଷ୍ଟିରେ ରଖି ୫୦ ପ୍ରତିଶତ ଶ୍ରଦ୍ଧାଳୁଙ୍କୁ ନେଇ ବଡଦିନ ପାଳିବା ପାଇଁ ଖ୍ରୀଷ୍ଟୀୟମାନଙ୍କୁ କୁହାଯାଇଛି । ମାସ୍କ ପରିଧାନ, ସାମାଜିକ ଦୂରତା ଓ ସାନିଟାଇଜ୍ ଭଳି ନିୟମକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଜିରୋ ନାଇଟ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। ବୈଠକରେ ଉପସ୍ଥିତ ଆଦିବାସୀ ନେତା ଲମ୍ବୋଦର କହଁର ଡିସେମ୍ବର ୨୫କୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ ସଂପୂର୍ଣ୍ଣ ସହଯୋଗ କରାଯିବ ବୋଲି ପ୍ରକାଶ କରିଥିଲେ। କୁଇ ସମାଜ ନେତା ଗୋବିନ୍ଦ ଘଟାଲ, ସଂଖ୍ୟାଲଘୁ ସମ୍ପ୍ରଦାୟ ରାଇକିଆର ମୋଜେସ ଦିଗାଲ, ଅନୀଲ ବଡମାଝୀ, ପାଷ୍ଟର ଆସୋସିଏଶନ ସଭାପତି ସୁନୀଲ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

